# Akashvani, Sambalpur

## SAMBALPURI NEWS BULLETIN

### 9 March 2025- 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ- ସୁଭଦ୍ରା        ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳାମାନ୍‌କର୍ ବିରୋଧ୍ ନ ହିଂସା ଆର୍ ଅସଦାଚରଣ୍ କରୁଥିବାର୍ ଲୋକ୍‌ମାନ୍‌କର୍ ଲାଗି ସଭ୍ୟ ସମାଜ୍‌ଥି ଜାଗା ନାଇଁନ ଆଉ ସେମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଗଲାକାଏଲ୍ ବ୍ରହ୍ମପୁର୍ ଠାନେ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ଦିଆଯିବାର୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ଇହାଦେତକ୍ ୫ ଲାଖ୍ ଲକ୍ଷପତି ଦିଦି ବନା ହେଇଛନ୍ । ରାଜ୍ୟ ଇ ଯୋଜ୍‌ନାକେ କାର୍ଯ୍ୟକାରୀ କରିକରି ଲକ୍ଷପତି ଦିଦି ବନାବାର୍‌ଥି ଦେଶେ ୨ ନମ୍ବର୍ ଠାନେ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ସାହାଜ୍ ଟଙ୍କା

ରାଜ୍ୟର୍ ୧ କୋଟିନୁ ଅଏତ୍‌କା ମହିଳା ହିତାଧିକାରୀଙ୍କୁ ବଂଟାଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା କାଏଲ୍ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ-ମହିଳା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସବୁ ଟୁକେଲ୍ ଛୁଆ ନାଇଁ ଡରିକରି ସପନ୍ ଦେଖୁନ୍ ଇଟା ସେମାନ୍‌କର୍ ସମିଆ ଆର୍ ସେମାନ୍‌କର୍ ଓଡ଼ିଶା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଭବନ୍ ଠାନେ ରାଜ୍ୟସ୍ତରୀୟ ମହିଳା ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍,

ମହିଳା ସଶକ୍ତିକରଣ୍ ଲାଗି ସୁଭଦ୍ରା ଯୋଜ୍ନାକେ ସର୍କାର୍ ସଫଲତାର୍ ସହେତେ କାର୍ଯ୍ୟକାରୀ କରିଛନ୍ । ଇ ଅବ୍ସରେ ମହିଳାମାନ୍କର୍ ସୁରକ୍ଷା ଲାଗି ରାଏଜେ 'ଶକ୍ତି' ଆପ୍ର ରୋଲ୍ଆଉଟ୍ କରାଯାଇଛେ । ସେନ୍ତା ରାଏଜେ ବାଲ୍ୟବିବାହକେ ରୋକ୍ବାର୍ ଲାଗି ଓଡ଼ିଶା ରାଜ୍ୟ ରଣନୀତିକ୍ କାର୍ଯ୍ୟ ଯୋଜ୍ନାର ଭିଲ୍ ଗଲାକାଏଲ୍ ଶୁଭାରମ୍ଭ କରାଯାଇଛେ ।

ମହିଳା ଦିବସ୍- ପଦଯାତ୍ରା I&PR

ଭୁବ୍ନେଶ୍ୱର୍ ମହାନଗର୍ ନିଗମ୍ ଆର୍ ସମବାୟ ବିଭାଗ୍ର ମିଲିତ୍ ସହଯୋଗ୍ଥି ଗଲାକାଏଲ୍ ହସ୍ତତନ୍ତ ପଦଯାତ୍ରା 'ସମ୍ପୂର୍ଣ୍ଣା' ହେଇଯାଇଛେ । ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍ସରେ ହେଇଥିବା ଇ ପଦଯାତ୍ରାଥି ବାଚସ୍ପତି ସୁରମା ପାଢ଼ୀ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ ।

ମହିଳା ଦିବସ-ସମ୍ବଲପୁର ଆର୍ଏନ୍ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍ସରେ ଗଲାକାଏଲ୍ ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ନ ସୁଭଦ୍ରା ଯୋଜ୍ନାର୍ ୨

ନମ୍ବର୍ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ବଂଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍ ଯେ, ବିକାଶ୍ କର୍‌ବାର୍‌କେ ହେଲେ ମହିଳାମାନ୍‌କୁ ସ୍ୱାବଲମ୍ବୀ ହେବାର୍‌କେ ପଡ଼୍‌ବା ଆଉ ସୁଭଦ୍ରା ସାହଜ୍ ଟଙ୍କାକେ ଠିକ୍ ଭାବେ ବେଭାର୍ କର୍‌ବାର୍‌କେ ହେବା । ଇ ଅବ୍‌ସରେ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଆର୍ ଜିଲ୍ଲାପାଲ୍ ପ୍ରମୁଖ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ୨ ଲାଖ୍ ୬୭ ହଜାର୍ ୭ ଶହ ୬୦ ଝନ୍ ହିତାଧିକାରୀଙ୍କୁ ଇ ଅବ୍‌ସରେ ସୁଭଦ୍ରା ସାହାଜ୍ ଟଙ୍କା ବଂଟାଯାଇଥିଲା ।

ପୁରୀ ରଥ୍‌ଯାତ୍ରା-ବିଶ୍ୱ ସାଂସ୍କୃତିକ୍ ଐତିହ୍ୟର୍ ମାନ୍ୟତା/ପୁରୀ

ପୁରୀ ମହାପ୍ରଭୁଙ୍କର୍ ରଥଯାତ୍ରାକେ ୟୁନେସ୍କୋ ତର୍‌ଫୁ ବିଶ୍ୱ ସାଂସ୍କୃତିକ୍ ଐତିହ୍ୟର୍ ମାନ୍ୟତା ଦିଆଯିବାର୍ ପ୍ରକ୍ରିୟା ମୁଳ୍ ହେଇଛେ । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନାମାଙ୍କନ୍ ପତ୍ର ପ୍ରସ୍ତୁତି ଚାଲିଥିବାର୍ ବେଲେ ଖୋବ୍ ଜଲ୍‌ଦି ଇତାକେ ଦାଖଲ୍ କରାଯିବା । ଗଲା କିଛି ଦିନ୍ ତଲେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ ଦିଲ୍ଲୀ ଗସ୍ତ ଅବ୍‌ସରେ କେନ୍ଦ୍ର ସଂସ୍କୃତି

ମନ୍ତ୍ରଣାଳୟର୍ ବରିଷ୍ଠ ଅଧିକାରୀମାନ୍କର୍ ସାଙ୍ଗେ ଇ ବାବ୍ଦେ ଆଲୋଚନା କରିଥିଲେ ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର୍ -୨୦୨୪ ସମାରୋହ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ହେଇଯାଇଛେ । ଓଡ଼ିଆ ଭାଷାଥି ନାଁକରା ସାହିତ୍ୟିକ ପ୍ରଫେସର୍ ବୈଷ୍ଣବ୍ ଚରଣ୍ ସାମଲ୍ ଆର୍ ସାନ୍ତାଳି ଭାଷାଥି ମହେଶ୍ୱର୍ ସୋରେନ୍ ଇ ମର୍ଯ୍ୟାଦାଜନକ୍ ପୁରସ୍କାର୍ ଗ୍ରହଣ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଡିସେମ୍ବର୍ ୧୮ ତାରିଖ୍ ଦିନ ଏକାଡେମୀ ତର୍ଫୁ ଇ ପୁରସ୍କାର୍ ଘୋଷ୍ନା କରାଯାଇଥିଲା ।

ପିଜି ନାଁଲେଖା I&PR

୨୦୨୫-୨୬ ଶିକ୍ଷାବଛର୍ଥି ସ୍ନାତକୋତର-ପିଜି ପାଠ୍ପଢ଼ାଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଆଏବା ସୋମ୍ବାର୍ନୁ ମୁଲ୍ ହେବା । ୨୮ ତାରିଖ୍ତକ୍ ସାମ୍ସ ୱେବ୍ସାଇଟ୍ ଜରିଏ ଆବେଦନ୍

କରାଯାଇପାର୍‌ବା । ୨୯ ତାରିଖ୍ ଦିନ ଫର୍ମ ସଂଶୋଧନ୍ କରାଯିବା । ଇ ବଛର୍ କେରିଅର୍ ମାର୍କକେ ନାଁଲେଖା ଲାଗି ଧରାନାଇଁ ଯାଇକରି ସିଧାସଲଖ୍ ପ୍ରବେଶିକା ପରୀକ୍ଷାର୍ ମାର୍କକେ ଆଧାର୍ କରିକରି ମେଧା ତାଲିକା ତିଆର୍ କରାଯିବା । ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଡେବ୍ରିଗଡ୍ -ବନ୍ୟପ୍ରାଣୀ ଆଘାତମୁକ୍ତ ଅଂଚଲ   ହି.ସ.

ହୀରାକୁଦ୍ ବନ୍ୟପ୍ରାଣୀ ବିଭାଗ୍ ତର୍‌ଫୁ ଡେବ୍ରିଗଡ୍ ଅଭୟାରଣ୍ୟ ସୀମାର୍ ୧ କିଲୋମିଟର୍ ଭିତ୍‌ରର୍ ଆର୍ ବାହାର୍ ଇଲାକାକେ ବନ୍ୟପ୍ରାଣୀ ଆଘାତମୁକ୍ତ ଅଂଚଲ୍ ଘୋଷିତ୍ କରାଯାଇଛେ । ଇଥିର୍‌ଲାଗି ୬୮ ଟା ଗାଁକେ ସାମିଲ୍ କରାଯାଇକରି ଫି’ ଗାଁ ନ ନୂଆଁ କମିଟି ଗଠନ୍ କରାଯାଇଛେ । ଡେବ୍ରିଗଡ୍ ଇଲାକା ନ ପର୍ଯ୍ୟଟକ୍‌ମାନ୍‌କର୍ ସୁବିଧା ଆର୍ ସୁରକ୍ଷାକେ ନେଇକରି ପଦକ୍ଷେପ୍ ନିଆଯାଇଛେ ବଲି ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚ୍‌ନା ଦେଇଛନ୍ ।

ଡି.ଏସ୍. କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନ୍ ତରଫ୍ରୁ ଚାଲିଥିବା ସର୍ବଭାରତୀୟ ଡି.ଏସ୍. କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ରୁ ଆଏଜ୍ ଏମ୍‌ଇଜି ସେଂଟର୍ ବେଙ୍ଗଲୋର୍ ଆର୍ କଟକ୍ ଦଲ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା । ଗଲାକାଏଲ୍ ହେଇଥିବା ୨ ନମ୍ବର୍ ସେମିଫାଇନାଲ୍ ମେଚ୍‌ରୁ କଟକ୍ ଦଲ୍ ୧/ଶୂନ୍ ଗୋଲ୍‌ରୁ ବିହାର୍ ଦଲ୍‌କେ ହରେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ୪/୫ ଦିନ୍ ପାଗ୍ ଏନ୍ତା ଶୁଖା ରହେବା ଆର୍ ତାପମାତ୍ରାରୁ କିଛି ପରିବର୍ତ୍ତନ୍ ନାଇଁ ହୁଏ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫ୍ରୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।